## ଦେବୋତ୍ତର ସମ୍ପତ୍ତିରେ ଜମି ମାଫିଆଙ୍କ ନଜର

# ବିକ୍ରି ହେଉଛି ଠାକୁରଙ୍କ ଜମି, ହାତ ବାନ୍ଧି ବସିଛି ପ୍ରଶାସନ

**ଟିଗିରିଆ/ବାଙ୍କୀ, ୧୯।୨(ସମିସ)**





ବାଙ୍କୀ ବ୍ଲକର କଳାପଥର ଏବେ ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଭାବେ ଉଭା ହୋଇଛି। ମହାନଦୀ ଉପରେ ଟି-ସେତୁ ନିର୍ମାଣ ହେବା ପରେ ଭୁବନେଶ୍ୱର ସହ ଢେଙ୍କାନାଳ, ଅନୁଗୁଳ ଏବଂ ସମ୍ବଲପୁର ଭଳି ବଡ଼ ସହରର ସଂଯୋଗ ସହଜ ହୋଇଛି। ଏହି କାରଣରୁ କଳାପଥର ଆଖପାଖ ଅଞ୍ଚଳରେ ଜମିର ମୂଲ୍ୟ ଆକାଶଛୁଆଁ ହୋଇଛି, ଯାହାର ସୁଯୋଗ ନେଇ ଜମି ମାଫିଆମାନେ ସକ୍ରିୟ ହୋଇଉଠିଛନ୍ତି। ବିଶେଷ କରି ବଉଲ ମୌଜାରେ ଥିବା ନୃସିଂହନାଥ ଜୀଉ ବିଜେ କାଳିପୋଇଙ୍କର ପ୍ରାୟ ୨ ଏକର ୪୭ ଡିସିମିଲ ଜମିକୁ ଜାଲିଆତି କରି ନିଜ ଅକ୍ତିଆରକୁ ନେବା ସହ ସେଠାରେ ପ୍ଲଟିଙ୍ଗ୍ ସ୍କିମ୍ ଜରିଆରେ ବିକ୍ରି ପ୍ରକ୍ରିୟା ଜାରି ରହିଛି। ଗୋଟିଏ ପଟେ ଠାକୁରଙ୍କ ସମ୍ପତ୍ତି ହରିଲୁଟ୍ ହେଉଥିବା ବେଳେ ଅନ୍ୟପଟେ ଅର୍ଥ ଅଭାବରୁ ମନ୍ଦିରର ନୀତିକାନ୍ତି ଚଳାଇବା ଟ୍ରଷ୍ଟ ପାଇଁ କଷ୍ଟକର ହୋଇପଡ଼ିଛି। ଏହି ମାମଲାରେ ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି ରାଜସ୍ୱ ବିଭାଗର ଆଭିମୁଖ୍ୟ। ତହସିଲଦାର ଏହାକୁ ଦେବୋତ୍ତର ବିଭାଗର ସମ୍ପତ୍ତି କହି ନିଜ କାନ୍ଧରୁ ଦାୟିତ୍ୱ ଖସାଇ ଦେଉଥିବା ବେଳେ ଦେବୋତ୍ତର ବିଭାଗ ମଧ୍ୟ ନିଷ୍କ୍ରିୟ ରହିଛି। ଅଭିଯୋଗ ହେଉଛି ଯେ କିଛି ଅସାଧୁ ରାଜସ୍ୱ ନିରୀକ୍ଷକ ଓ ମୋହରିର ମୋଟା ଅଙ୍କର ଲାଞ୍ଚ ନେଇ ଦେବୋତ୍ତର ଜମିକୁ ବ୍ୟକ୍ତିଗତ ନାମରେ ରେକର୍ଡ କରିବାକୁ ସୁପାରିସ କରୁଛନ୍ତି। ବାଙ୍କୀ ତହସିଲରେ ଏଭଳି ଘଟଣା ଏବେ ସାଧାରଣ କଥା ହୋଇଗଲାଣି। ପୂର୍ବରୁ ନାଟେରି ମୌଜାରେ ୧୫ ଏକର ସରକାରୀ ଜମିକୁ ବ୍ୟକ୍ତିଗତ ନାମରେ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ତାହା ସରକାରୀ ଖାତାକୁ ଫେରିଥିଲା। କେବଳ ବଉଲ ମୌଜା ନୁହେଁ, ଗୁରେଇପଲ୍ଲୀ ମୌଜାରେ ନୃସିଂହନାଥ ବିଜେ କେନ୍ଦୁପଲ୍ଲୀଙ୍କ ସମସ୍ତ ସମ୍ପତ୍ତିକୁ କିଛି ଅସାଧୁ ବ୍ୟକ୍ତି ନିଜ ନାମରେ ରେକର୍ଡ କରାଇ ସାରିଲେଣି। ସେହିପରି ପୁରୁଣା ପାଣି ମୌଜାରେ ବାଲୁଙ୍କେଶ୍ୱର ବିଜେ ନଣ୍ଡାହତାପଲାଙ୍କ ଜମିକୁ ମାର୍ଫତଦାରମାନେ ନିଜ ପରିବାର ନାମରେ ରେକର୍ଡ କରି ଚାଷ ଜମିରେ ଅଟ୍ଟାଳିକା ଠିଆ କରିଛନ୍ତି। ନୃସିଂହନାଥ ବିଜେ ପାଣିକୋଇଲଙ୍କ ସମ୍ପତ୍ତିକୁ ନେଇ ମଧ୍ୟ ଅନେକ ମୋକଦ୍ଦମା ଚାଲିଥିବା ବେଳେ ମହନ୍ତ ଏବେ ଆଇନଗତ ଗୋଲକଧନ୍ଦାରେ ଛନ୍ଦି ହୋଇଛନ୍ତି। ବିଲେଇ ଓ ମାଫିଆମାନେ ଦେବୋତ୍ତର ବିଭାଗର ଦାୟିତ୍ୱହୀନତାର ଭରପୂର ଫାଇଦା ଉଠାଉଥିବାରୁ ଜିଲ୍ଲା ଦେବୋତ୍ତର ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଜଙ୍ଗଲ ଅଧିକାର ସେଲ୍‌ଫ ବନ୍ଦ କରିବା ନିଷ୍ପତ୍ତିକୁ ସିପିଆଇ-ଏମ୍‌ର ନିନ୍ଦା

**କଟକ, ୧୯।୨(ସମିସ):** ଓଡ଼ିଶା ସରକାରଙ୍କ ଦ୍ୱାରା ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରୁଥିବା ସେଲ୍‌ଫଗୁଡ଼ିକୁ ବନ୍ଦ କରିବା ଏବଂ କର୍ମଚାରୀଙ୍କୁ ଛଟେଇ କରିବା ନିଷ୍ପତ୍ତିକୁ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), କଟକ ଜିଲ୍ଲା କମିଟି ତୀବ୍ର ସମାଲୋଚନା କରିଛି। ପାର୍ଟି ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଏହି ପଦକ୍ଷେପ ଆଦିବାସୀ ଓ ପାରମ୍ପାରିକ ଜଙ୍ଗଲବାସୀଙ୍କ ଐତିହାସିକ ଅଧିକାର ଉପରେ ଏକ ସିଧାସଳଖ ଆକ୍ରମଣ। ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ୫୦ଟି ଉପଖଣ୍ଡସ୍ତରୀୟ ଏଫ୍‌ଆର୍‌ଏ ସେଲ୍‌ଫକୁ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ନେଇ ରାଜନୈତିକସ୍ତରରେ ଉଷ୍ମତା ପ୍ରକାଶ ପାଇଛି। ସିପିଆଇ(ଏମ୍) ଅଭିଯୋଗ କରିଛି ଯେ ଡିସେମ୍ବର ୨୦୨୫ ସୁଦ୍ଧା ପ୍ରାୟ ୨୦ ଶତାଂଶ ପିଟିସନ ଅମୀମାଂସିତ ରହିଛି। ଅଗଷ୍ଟ ୨୦୨୫ର ତଥ୍ୟ ଅନୁସାରେ ୧.୨୨ ଲକ୍ଷ ବ୍ୟକ୍ତିଗତ ଏବଂ ପ୍ରାୟ ୧୩ ହଜାରରୁ ଅଧିକ ସାମୁଦାୟିକ ଜଙ୍ଗଲ ଅଧିକାର ଦାବି ବକେୟା ପଡ଼ିଥିବା ବେଳେ ସେଲ୍‌ଫ ବନ୍ଦ କରିବା ଦ୍ୱାରା ଲକ୍ଷାଧିକ ଆଦିବାସୀ ପରିବାର ନ୍ୟାୟରୁ ବଞ୍ଚିତ ହେବେ। ଏହି ପଦକ୍ଷେପ ଜଙ୍ଗଲ ସମ୍ପଦକୁ କର୍ପୋରେଟ୍ ଶୋଷଣ ପାଇଁ ଖୋଲା ଛାଡ଼ିଦେବାର ଏକ ଷଡ଼ଯନ୍ତ୍ର ବୋଲି ଦଳ କହିଛି। ସିପିଆଇ(ଏମ୍)ର ପ୍ରମୁଖ ଦାବିଗୁଡ଼ିକ ସେଲ୍‌ଫ ବନ୍ଦ କରିବା ନିର୍ଦ୍ଦେଶ ତୁରନ୍ତ ପ୍ରତ୍ୟାହାର କରାଯାଉ, ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯାଉ ଓ ବକେୟା ଥିବା ସମସ୍ତ ବ୍ୟକ୍ତିଗତ ଓ ସାମୁଦାୟିକ ଜଙ୍ଗଲ ଜମି ଦାବିର ଶୀଘ୍ର ସମାଧାନ କରାଯାଉ। ଜଙ୍ଗଲବାସୀଙ୍କ ଅଧିକାର ସୁରକ୍ଷା ପାଇଁ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଜିଲ୍ଲା କମିଟି ପକ୍ଷରୁ ଆହୁରି ତୀବ୍ର କରାଯିବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

## ଜଗନ୍ନାଥ ବିହାରରେ ନୂତନ ମନ୍ଦିର ପ୍ରତିଷ୍ଠା



**କଟକ, ୧୯।୨(ସମିସ):** କଟକ ମହାନଗର ନିଗମ ୫୭ନମ୍ବର ୱାର୍ଡ ଅନ୍ତର୍ଗତ ଗୋପାଳପୁର ଜଗନ୍ନାଥ ବିହାରରେ ପ୍ରଭୁ ନୀଳକଣ୍ଠେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବ୍ରତଧାରୀମାନେ କାଠଯୋଡି ନଦୀର ମୁକାମେଶ୍ୱର ନିକଟରୁ ସହସ୍ରାଧିକ ମହିଳା ଓ ପୁରୁଷ କଳସରେ ଜଳ ଆଣି ମୁକାମେଶ୍ୱର, କାଜିପାଟଣା, ରାଜନଗରପାଟଣା, ବଢେଇସାହି, ଗୋପାଳପୁର ଗ୍ରାମର ବିଭିନ୍ନ ସାହି ପରିକ୍ରମା କରିବା ପରେ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ତୃତୀୟ ଦିବସରେ ପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହେବ। ଚତୁର୍ଥ ଦିବସରେ ଯଜ୍ଞ ପୂର୍ଣ୍ଣାହୁତି ଓ ବିଗ୍ରହ ମାନଙ୍କର ମନ୍ଦିର ପ୍ରବେଶ ହେବ। ପଞ୍ଚମ ଦିବସରେ ଭଗବାନଙ୍କ ଉପଚାର ପୂଜା ଓ ଅଭିଷେକ ଅନୁଷ୍ଠିତ ହେବ। ପୂଜାରେ ମୁଖ୍ୟକର୍ତ୍ତା ଭାବେ ପ୍ରକାଶଚନ୍ଦ୍ର ଜେନା ତାଙ୍କ ସହଧର୍ମିଣୀ ନିର୍ମଳା ଜେନା ଯୋଗଦେଇଥିବାବେଳେ ମୁଖ୍ୟ ପୂଜକ ଭାବେ ବାଦଲ ମିଶ୍ର ଓ ତାଙ୍କ ସହଯୋଗୀ ଯଜ୍ଞ କାର୍ଯ୍ୟ ତୁଲାଉଛନ୍ତି। କମିଟିର ସମସ୍ତ ସଦସ୍ୟଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ।

## କୃତ୍ରିମ ବୁଦ୍ଧିମତ୍ତା ମଞ୍ଚରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦବ୍‌ଦବା

**କଟକ, ୧୯।୨(ସମିସ):** ନୂଆଦିଲ୍ଲୀଠାରେ ଫିକ୍କି ପକ୍ଷରୁ ଆୟୋଜିତ ପ୍ରତିଷ୍ଠିତ କୃତ୍ରିମ ବୁଦ୍ଧିମତ୍ତା ଶିଖର ସମ୍ମିଳନୀ 'ଭାରତ-୨୦୨୬'ରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ସମ୍ମିଳନୀରେ ଅତିଥି ବକ୍ତା ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ କହିଛନ୍ତି




ଯେ କୃତ୍ରିମ ବୁଦ୍ଧିମତ୍ତା କେବଳ ବୈଷୟିକ ପ୍ରଗତିରେ ସୀମିତ ନ ରହି ସାମାଜିକ ରୂପାନ୍ତରଣର ମାଧ୍ୟମ ହେବା ଉଚିତ। ଏହି ପ୍ରଯୁକ୍ତିବିଦ୍ୟାକୁ ଅଧିକ ସୁଲଭ, ନୈତିକ ଏବଂ ଲୋକାଭିମୁଖୀ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଫେସର କୁଲକର୍ଣ୍ଣୀ ବିଶ୍ୱବିଦ୍ୟାଳୟର ପ୍ରୟାସ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ନିଜର ପାଠ୍ୟକ୍ରମରେ ଏଆଇକୁ ସାମିଲ କରିବା ସହ ସାଇବର ସୁରକ୍ଷା ଓ ଡିଜିଟାଲ ମାନବବାଦ କ୍ଷେତ୍ରରେ ଉତ୍କୃଷ୍ଟ କେନ୍ଦ୍ର ସ୍ଥାପନ ପାଇଁ ପଦକ୍ଷେପ ନେଉଛି। ବିଶେଷ କରି ମହିଳା ଏବଂ ଗ୍ରାମାଞ୍ଚଳର ଉଦ୍ୟୋଗୀମାନଙ୍କ ନିକଟରେ ଏଆଇ ପହଞ୍ଚାଇବା ପାଇଁ ବିଶ୍ୱବିଦ୍ୟାଳୟ ନିରନ୍ତର କାର୍ଯ୍ୟ କରୁଛି। ୨୫ରୁ ଊର୍ଦ୍ଧ୍ୱ ରାଷ୍ଟ୍ରାଧ୍ୟକ୍ଷ ଏବଂ ୧୦୦ରୁ ଅଧିକ ଦେଶର ପ୍ରତିନିଧି ଯୋଗଦେଇଥିବା ଏହି ବିଶାଳ ସମ୍ମିଳନୀରେ ଶ୍ରୀ ଶ୍ରୀ ରବିଶଙ୍କରଙ୍କ 'ପରମ ବୁଦ୍ଧିମତ୍ତା ସଂସ୍ଥାନ'ର ପରିକଳ୍ପନା ଓ ମାନବୀୟ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାକୁ ବେଶ୍ ପ୍ରଶଂସା କରାଯାଇଛି।

## ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା କର୍ମଶାଳା



### ସାଇବର ଅପରାଧରୁ ରକ୍ଷା ପାଇବାକୁ ପରାମର୍ଶ

**କଟକ, ୧୯।୨(ସମିସ):** କଟକ ସଦର ଉପଖଣ୍ଡ ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ବକ୍ସିବଜାରସ୍ଥିତ ଓଡ଼ିଶା ପୁଲିସ ଉଚ୍ଚ ବିଦ୍ୟାଳୟରେ ଏକ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୂକ୍ତିକରଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ସଞ୍ଚୟ ଅଧିକାରୀ ବାସନ୍ତୀ ହାଇବୁରୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ, ବ୍ୟାଙ୍କ ଅଧିକାରୀ ରବୀନ୍ଦ୍ରନାଥ ମିଶ୍ର ଏବଂ ପ୍ରଧାନଶିକ୍ଷୟିତ୍ରୀ ମମତା କର ଅତିଥିଭାବେ ଯୋଗଦେଇଥିଲେ। ବିଶେଷ କରି ସାମ୍ପ୍ରତିକ ସମୟରେ ବଢ଼ୁଥିବା ସାଇବର ଅପରାଧ ଓ ଡିଜିଟାଲ କାରବାର ସମୟରେ ଅବଲମ୍ବନ କରାଯିବାକୁ ଥିବା ସତର୍କତା ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚନାଚକ୍ରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ସାମାଜିକ ନିରାପତ୍ତା ବୀମା ଏବଂ ଅଟଳ ପେନସନ ଯୋଜନା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବିସ୍ତୃତ ସୂଚନା ଦିଆଯାଇଥିଲା। ପିଲାମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଏସ. କେ ଜାହିରୁଦ୍ଦିନ, ଅମିତା ପ୍ରଜ୍ଞା ପଣ୍ଡା ଓ ଦୁର୍ଯ୍ୟୋଧନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ ଓ ଶଶିଭୂଷଣ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ, ୧୯।୨(ସମିସ):** ମହାନ ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ପ୍ରଜା ଆନ୍ଦୋଳନ ଓ କୃଷକ ଆନ୍ଦୋଳନର ନେତା ଗୌରାଙ୍ଗ ଚରଣ ଦାସ ଓ ମୁକ୍ତି ସଂଗ୍ରାମୀ ଶଶିଭୂଷଣ ଦାସଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ୱାଧୀନତା ସଂଗ୍ରାମୀ ଫୋରମ ଆନୁକୂଲ୍ୟରେ ସ୍ୱରାଜ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଅଛି। କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆପଣାର ସାଙ୍ଗଠନିକ ନେତୃତ୍ୱ ବଳରେ ସ୍ୱାଧୀନତା ସଂଗ୍ରାମକୁ ଗତିଶୀଳ କରାଇବା ବହୁ ଲୋକଙ୍କୁ ବିପ୍ଲବ ସ୍ରୋତରେ ସାମିଲ କରି ଏକ ମହାନ ବିପ୍ଳବର ଆହ୍ୱାନ ଦେବା ତଥା ଚାଷୀ, ମୂଲିଆ ଦରିଦ୍ର ଜନତାଙ୍କ ନେତା ଭାବରେ ସେମାନଙ୍କୁ ମାର୍ଗଦର୍ଶନ କରି ମହାସଂଗ୍ରାମର ନେତୃତ୍ୱ ନେବାରେ ବାଗଲପୁରର ଗୌରାଙ୍ଗ ଚରଣ ଦାସ ଓ ଶଶିଭୂଷଣଙ୍କ ଭୂମିକା ଉଲ୍ଲେଖଯୋଗ୍ୟ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ପ୍ରଶାନ୍ତ ଦାସ ଏହି ଦୁଇ ବରପୁତ୍ରଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଭୂବନାନନ୍ଦ ମହାନ୍ତି, ବିଦ୍ୟୁତ କୁମାରୀ ଲାଲା, ସମରେନ୍ଦ୍ର ଘୋଷ, ବନଜ୍ୟୋସ୍ନା ମହାପାତ୍ର, ବିଜୟ ପଣ୍ଡା, ସୁଷମା ଦାସ, ପ୍ରମୋଦ ଦାସ, ସିତାଂଶୁ ମହାନ୍ତି, ମାଳତୀ ପାତ୍ର, ଇନ୍ଦୁମତୀ ସାହୁ, ସ୍ନେହାଂଶୁ ଜେନା, ଡ଼. ହେମନ୍ତ ପରିଡ଼ା, ଉମା ଶଙ୍କର ମିଶ୍ର, ଅରୁଣା ସାମନ୍ତରାୟ, ସନାତନ ସାମଲ, ନିବାସ ଚନ୍ଦ୍ର ମିଶ୍ର, ଗୋପାଳ ଚନ୍ଦ୍ର ମିଶ୍ର, ଖଗେଶ୍ୱର ସେଠୀ, ଶୁଭଲକ୍ଷ୍ମୀ ସାହୁ, ଶ୍ୟାମସୁନ୍ଦର ସାହୁ, ବନମାଳି ଶୁକ୍ଳ, ରବୀନ୍ଦ୍ରନାଥ ପଣ୍ଡା, ସୁସ୍ମିତା ପଟ୍ଟନାୟକ, ବିନୋଦ ସେଠୀ, ବବି ବଳବନ୍ତରାୟ, ଆଲୋକ ପତି, ଈଶା ଧର, ଭାଗ୍ୟବତୀ ଦାସ, ସଂଯୁକ୍ତା ସାମଲ, ବିଦ୍ୟାସା ସାମଲ, ଦୀପ୍ତିରଞ୍ଜନ ପଣ୍ଡା, ରମାକାନ୍ତ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରମାକାନ୍ତ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

## ଶିଶୁ ସାହିତ୍ୟିକଙ୍କ ସ୍ମୃତିଚାରଣ



**ନିଶ୍ଚିନ୍ତକୋଇଲି, ୧୯।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ଗ୍ରାମର ଆଦର୍ଶ ଶିକ୍ଷକ, ବିଶିଷ୍ଟ ଲେଖକ ଓ ଶିଶୁ ସାହିତ୍ୟିକ ରାଜେନ୍ଦ୍ର ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ରାଜେନ୍ଦ୍ର ବେହେରା ସ୍ମୃତି କମିଟିର ସଭାପତି ଅଧ୍ୟାପକ ଡ. ବିଜୟ ରାଉତଙ୍କ ପୌରୋହିତ୍ୟରେ ଏଥିରେ ଶିକ୍ଷାବିତ୍ ଗୌତମ ଚରଣ ମହାନ୍ତି, ପ୍ରାକ୍ତନ ସମିତିସଭ୍ୟ ସୁତମ ଚରଣ ବେହେରା, ପ୍ରାକ୍ତନ ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ସୂର୍ଯ୍ୟମଣୀ ଦଳାଇ, ବାବାଜୀ ଚରଣ ଦଳାଇ, ରଘୁନାଥ ବେହେରା, ରସାନନ୍ଦ ବେହେରା, ଶ୍ୟାମସୁନ୍ଦର ବେହେରା, ସରୋଜିନୀ ବେହେରା, ଦୀପକ ବେହେରା, ଅଦିତ୍ ରଞ୍ଜନ ବେହେରା, ଶୁଭ୍ରାଂଶୁ କୁମାର ବେହେରା, ବାବାଜୀ ଚରଣ ପାତ୍ର, ଗୋଲଖ ବେହେରା ସ୍ୱର୍ଗତ ରାଜେନ୍ଦ୍ରଙ୍କର ଶିକ୍ଷକତା ଜୀବନର ସୁଗୁଣାବଳୀ, ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ଏବଂ ଏକ ପରୋପକାରୀ ମଣିଷ ଭାବେ ସେ କିଭଳି ପରିଚିତ ହୋଇଥିଲେ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ଅବସରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସ୍ୱରୂପ ଚତୁର୍ଥ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଜ୍ୱାଇଁ ସୁତମ୍ ବେହେରା ଧନ୍ୟବାଦ ଦେଇଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ଟିଗିରିଆ, ୧୯।୨(ସମିସ):** ଟିଗିରିଆ ବ୍ଲକ ଚୈତନ୍ୟ ସାହୁ ବିଜ୍ଞାନ ଓ କଳା ସ୍ନାତକ ମହାବିଦ୍ୟାଳୟ, ନୂଆପାଟଣାଠାରେ ଫେବୃଆରୀ ୯ ତାରିଖଠାରୁ ୯ ଦିନ ଧରି +୩ ପ୍ରଥମ ବର୍ଷ ଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ମିଶ୍ର ଯୋଗଦେଇଥିବା ବେଳେ ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପିକା ବିଦ୍ୟୁତଲତା ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ଅନ୍ନପୂର୍ଣ୍ଣା ମହାନ୍ତି ଆତ୍ମରକ୍ଷାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କୀୟ ଅଭିମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ଯୋଗଦେଇଥିଲେ। ପ୍ରଶିକ୍ଷିକା ଗୀତା ବେହେରା ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ। ପୂର୍ବତନ ଛାତ୍ରୀ ପ୍ରଜ୍ଞା ପାରମିତା ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ରାଜନୀତି ବିଜ୍ଞାନର ଅଧ୍ୟାପକ ତଥା ଆତ୍ମରକ୍ଷା ଶିବିର ସଂଯୋଜକ ସୁଧାକର ମୁଦୁଲି ଧନ୍ୟବାଦ ଦେଇଥିଲେ।

## କାହ୍ନୁ ଲେଙ୍କାଙ୍କ ବିୟୋଗରେ ଶୋକସଭା



**ଟାଙ୍ଗୀ, ୧୯।୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଜାତୀୟ ରାଜପଥ ନିକଟରେ ଥିବା ହନୁମାନ ମନ୍ଦିର ପରିସରରେ କାହ୍ନୁଚରଣ ଲେଙ୍କାଙ୍କ ଦେହାନ୍ତରେ ଟାଙ୍ଗୀ କଂଗ୍ରେସ ପକ୍ଷରୁ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସେଖ ସଲିମଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟାଙ୍ଗୀ ସାଲେପୁର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସ୍ୱର୍ଗତ କାହ୍ନୁଚରଣ ଲେଙ୍କାଙ୍କ ରାଜନୈତିକ ଜୀବନୀ ଏବଂ ଟାଙ୍ଗୀ ଚୌଦ୍ୱାର ବ୍ଲକରେ ହୋଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ର କୁମାର କର, ଯୁବନେତା ମନୋଜ ଖିଲାର, ଚର୍ତୁଭୁଜ ସ୍ୱାଇଁ, ଚିତ୍ରସେନ ଧଳ, କୈଳାସ ସାହାଣୀ, ବିଷ୍ଣୁ ବାରିକ, ସୁବାଷ ମହାରଣାଙ୍କ ସମେତ ଶତାଧିକ କଂଗ୍ରେସ ନେତା ଯୋଗଦେଇଥିଲେ। ନଳିନୀକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

## ପ୍ରଜ୍ଞାନ ମିଶନ ପକ୍ଷରୁ ପଞ୍ଚସଖା ପୀଠ ପରିକ୍ରମା




**ନେମାଳ, ୧୯।୨(ସମିସ):** ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠ ପରିସରରେ ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ପଞ୍ଚସଖା ପୀଠ ପରିକ୍ରମା କାର୍ଯ୍ୟକ୍ରମର ଶୁଭାରମ୍ଭ ଉତ୍ସବରେ ମାର୍ଗଦର୍ଶକ ଭାବରେ ପରମହଂସ ପ୍ରଜ୍ଞାନାନନ୍ଦଜ ଯୋଗଦେଇଥିଲେ। ପ୍ରଭାତରୁ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରୁ ଏହି ପଞ୍ଚସଖା ପରିକ୍ରମାର ବାହାରି ମହାପୁରୁଷ ଯଶୋବନ୍ତ ଦାସ ଅଡଙ୍ଗ, ମହାପୁରୁଷ ଶିଶୁଅନନ୍ତ ଦାସ ବାଲିପାଟଣା, ମହାପୁରୁଷ ବଳରାମ ଦାସ ବେଗୁନିଆ ଓ ଶେଷରେ ମହାପୁରୁଷ ଜଗନ୍ନାଥ ଦାସଙ୍କ ପୀଠ ଶ୍ରୀକ୍ଷେତ୍ର ପୁରୀରେ ଉଦଯାପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବ୍ରହ୍ମଜ୍ଞାନାନନ୍ଦ ମହାରାଜ, ହେମନ୍ତ ପରିଡ଼ା, ଆଇନଜୀବୀ ଶିଶିର ଦାସ, ସମାଜସେବୀ ପ୍ରସନ୍ନ ବେହୁରା, ହରେକୃଷ୍ଣ ପୂଜାରୀ, ଧରଣୀଧର ପୂଜାରୀ, ଅଜୟ କୁମାର ପୃଷ୍ଟି, ପଣ୍ଡିତ ଶତ୍ରୁଘ୍ନ ଦାସ, ଅମର ବଲ୍ଲଭ ଦାସଙ୍କ ସମେତ ଶହ ଶହ ସଂଖ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରୁ ସାଧୁ, ସନ୍ଥ, ଶ୍ରଦ୍ଧାଳୁ ଓ ପଞ୍ଚସଖାପ୍ରେମୀ ଭକ୍ତମାନେ ସାମିଲ ହୋଇଥିଲେ।

## ବର୍ଣ୍ଣବୋଧ ଶିକ୍ଷକଙ୍କ ନିଃଶୁଳ୍କ ଶିକ୍ଷାଦାନ

**ଟାଙ୍ଗୀ, ୧୯।୨(ସମିସ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରମୋଦ କୁମାର ବେହେରା ଦଶମ ଶ୍ରେଣୀ ପଢୁଥିବା ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ଲକ୍ଷ୍ୟରେ ୨୧ ଦିନ ଧରି ୪୦ଜଣ ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ଶିକ୍ଷାଦାନ କରି ଅଞ୍ଚଳରେ ପ୍ରଶଂସା ସାଉଁଟିଛନ୍ତି। ଅତୀତରେ ସେ ଓଡ଼ିଶାର ୩୦ ଜିଲ୍ଲାରେ ୩୦ ହଜାରରୁ ଊର୍ଦ୍ଧ୍ୱ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ବିଦ୍ୟାଳୟମାନଙ୍କରେ ବାଣ୍ଟି ବର୍ଣ୍ଣବୋଧ ଶିକ୍ଷକ ଭାବରେ ପରିଚିତ ହୋଇଛନ୍ତି। ସମସ୍ତ ଶିକ୍ଷକ ସମାଜ ପ୍ରତି ଏକ ଉଦାହରଣ ପାଲଟିଛନ୍ତି। ଚଳିତ ମାଟ୍ରିକ ପରୀକ୍ଷାରେ ନିଃଶୁଳ୍କ ଶିକ୍ଷା ନେଇଥିବା ଛାତ୍ରଛାତ୍ରୀ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବେ ବୋଲି ଶିକ୍ଷକ ଶ୍ରୀ ବେହେରା କହିଛନ୍ତି।



# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ପଥୋତ୍ସବ

**କଟକ, ୧୯।୨(ସମିସ)**




ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା -୨୦୨୬'ର ଅବ୍ୟବହିତ ପୂର୍ବରୁ ଗୁରୁବାର ଅପରାହ୍ଣରେ ଏକ ବିଶାଳ ପଥୋତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଇଂଜିନିୟରିଂ, ମ୍ୟାନେଜମେଣ୍ଟ, ପ୍ରଫେସନାଲ ଷ୍ଟଡିଜ୍, ନର୍ସିଂ, ଫିଜିଓଥେରାପି, ଫାର୍ମାସୀ, ପାରାମେଡିକାଲ, ଏଗ୍ରିକଲଚର, ହୋଟେଲ ମ୍ୟାନେଜମେଣ୍ଟ, ଫେସନ ଡିଜାଇନିଂ ଆଦି ଶିକ୍ଷାନୁଷ୍ଠାନର ଶହଶହ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ 'ଡିନ୍', ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ଜାତୀୟ ସଂହତି ଓ ଏକତାର ବାର୍ତ୍ତା ନେଇ ବିଭିନ୍ନ ପ୍ରଦେଶର ପାରମ୍ପରିକ ବେଶଭୂଷା ସହ ସଙ୍ଗୀତର ତାଳେତାଳେ ନୃତ୍ୟ ପ୍ରଦର୍ଶନ କରିଥିଲେ। ପଥ ପାର୍ଶ୍ୱରେ ବହୁ ସଂଖ୍ୟାରେ ଦର୍ଶକ ଏହି ସାଂସ୍କୃତିକ ଯାତ୍ରାକୁ ଉପଭୋଗ କରିବା ସହ ଛାତ୍ରଛାତ୍ରୀଙ୍କ ଜାତୀୟତାବୋଧ ଓ କଳା ପ୍ରତିଭାର ପ୍ରଶଂସା କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ପରିକଳ୍ପନା ଓ ମୁଖ୍ୟ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ଡେପୁଟି ରେଜିଷ୍ଟ୍ରାର ଶିଶିର ସାହୁ, ଡିନ୍ (ଗବେଷଣା) ଡ. ବିଶ୍ୱରଞ୍ଜନ ମହାନ୍ତି, ନିର୍ଦ୍ଦେଶକ (ଆଇକ୍ୟୁଏସି) ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ରଙ୍କ ସମତେ ବିଭିନ୍ନ ବିଭାଗର ପଦାଧିକାରୀ ଯୋଗଦେଇଥିଲେ।

### ନୃତ୍ୟଗୀତରେ ଧୂମ୍ ମଚାଇଲେ ଛାତ୍ରଛାତ୍ରୀ

